# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

**ସଂଖ୍ୟା –୦୩**

**(ଓଡିଆ ବୁଲେଟିନ)** **ସପ୍ତାହ – ୦୨** **ତାରିଖ: ୦୯.୦୧.୨୦୨୪**

## ସମ୍ବଲପୁର

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ମୁଖ୍ୟତଃ ରୁ ଆଂଶିକ ସଫା ରହିପାରେ □ ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨୭ ରୁ ୨୮ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୫ ରୁ ୧୭ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି□ ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୩୮% ରୁ ୬୮% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୪% ରୁ ୩୨% ମଧ୍ୟରେ ରହିବାର ସମ୍ଭାବନା ରହିଅଛି □ ଆସନ୍ତା ୫ ଦିନ ମଧ୍ୟରେ ୫ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର ପୂର୍ବ, ଦକ୍ଷିଣ ପୂର୍ବ କିମ୍ବା ଦକ୍ଷିଣ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି □

| ତାରିଖ | 10-01-2024 | 11-01-2024 | 12-01-2024 | 13-01-2024 | 14-01-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 27 | 28 | 28 | 27 | 27 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 17 | 17 | 16 | 15 | 15 |
| ସମ୍ପୂର୍ଣ ମେଘ ଆବରଣ (ଓକଟା) | 2 | 2 | 0 | 0 | 0 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 68 | 64 | 65 | 42 | 38 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 29 | 29 | 32 | 24 | 14 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 5 | 5 | 7 | 6 | 6 |
| ପବନ ଦିଗ (ଡିଗ୍ରୀ) | 75 | 117 | 68 | 112 | 180 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୦୨୧୧ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ପୂର୍ବ ସପ୍ତାହରେ ପାଣିପାଗର (କୁହୁଡି ସହିତ ଥଣ୍ଡା ପାଗ) ଯେଉଁ ସ୍ଥିତି ଥିଲା ତାହା ଫଳ, ପନିପରିବା ଏବଂ ତେଲ ଜାତୀୟ ଫସଲରେ ଜଉ ପୋକ ଇତ୍ୟାଦୀର ସଂକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଚାଷୀ ଭାଇମାନଙ୍କୁ ନିଜ ଫସଲକୁ ଏହି ପ୍ରକାରର ପୋକର ପ୍ରକୋପରୁ ରକ୍ଷା କରିବା ପାଇଁ ତଥା ଏହାର ନିୟନ୍ତ୍ରଣ ପାଇଁ ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି □ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ତେଣୁ ଚାଷୀ ଭାଇମାନଙ୍କୁ ସବୁ ପ୍ରକାରର କୃଷି କାର୍ଯ୍ୟ ଏହି ସମୟ ଅବଧି ମଧ୍ୟରେ ଶୁଷ୍କ ପାଗକୁ ଦେଖି କରିବାକୁ ପରାମର୍ଶ ଦିଆଯାଇଅଛି □
- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ପରବର୍ତୀ ସପ୍ତାହରେ (୧୪ ରୁ ୨୦ ଜାନୁଆରୀ, ୨୦୨୪) ଓଡିଶାରେ ବର୍ଷା ର ସ୍ଥିତି ସ୍ୱଭାବିକ ରହିବା ସହିତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ ସ୍ୱଭାବିକ ରହିବାର ସମ୍ଭାବନା ଅଛି □

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଖରିଫ ଧାନ | ରକ୍ଷଣାବେକ୍ଷଣ / ସଂଗରକ୍ଷଣ | ଏହି ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ତେଣୁ ଚାଷୀ ଭାଇମାନଙ୍କୁ ନିଜ ଫସଲକୁ ଖରାରେ ଭଲ ଭାବରେ ସୁଖାଇ ତାକୁ ସୁରକ୍ଷିତ ଜାଗାରେ ରଖିବାର ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି □ ଧାନରେ ଉଚିତ ରକ୍ଷଣାବେକ୍ଷଣ ପାଇଁ ଏହାର ଆର୍ଦ୍ରତାକୁ ୧୪ ପ୍ରତିଶତ ତଳକୁ ଏବଂ ବିହନ ପାଇଁ ୧୨ ପ୍ରତିଶତ ତଳକୁ ରଖନ୍ତୁ □ ଗୋଦାମରେ ଧାନ ରଖିବା ପୂର୍ବରୁ ତାକୁ ଭଲରେ ସଫା କରି ସେଥିରେ ଯେମିତି ପୋକ, ମୁଷା ଇତ୍ୟାଦି ନ ପଶିବେ ତା'ର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି □ |
| ପନିପରିବା (ବାଇଗଣ, ଟମାଟର୍, ଆଳୁ, ଲଂକା ଏବଂ କୋବି ଜାତୀୟ ପରିବା) | ବନସ୍ପତି ବିକାସ / ପୁଷ୍ପ ଏବଂ ଫଳ ଅବସ୍ଥା | ପନିପରିବା ଗଛକୁ ଅଧିକ ଥଣ୍ଡାରୁ ରକ୍ଷା କରିବା ପାଇଁ ସେଥିରେ ନିୟମିତ ଅଳ୍ପ-ଅଳ୍ପ ଜଳ ସିଂଚନ କରି କିମ୍ବା ଗଛ ଲଗେଇବା ସମୟରେ ପଲିଥିନ୍ ଆବରଣର କିମ୍ବା ଯଦି ଗଛ ଲଗାଇ ସାରିଛନ୍ତି ତାହାହେଲେ ଗଛ ତଳେ ପୁଆଲକୁ ମଧ ଆବରଣ ଭାବରେ ପ୍ରୟୋଗ କରିପାରିବେ କାରଣ ଏହା ଦ୍ୱାରା ମାଟିର ତାପମାତ୍ରା ନିୟନ୍ତ୍ରିତ ରହିଥାଏ □<br>ଏବେ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଆଳୁ ଏବଂ ଟମାଟର ଗଛରେ ପତ୍ର ପୋଡ଼ା ରୋଗ (ବ୍ଲାଇଡ଼) ସଂକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଯେଉଁ ଚାଷୀ ଭାଇମାନେ ଏହି ରୋଗର ନିରୀକ୍ଷଣ କରନ୍ତୁ ଏବଂ ହଲକା ଜଳସେଚନ କରି ମାଟିର ଆର୍ଦ୍ରତା ବଜାୟ ରଖନ୍ତୁ □ ଏହି ରୋଗରୁ ଗଛକୁ ରକ୍ଷା କରିବା ପାଇଁ ୨.୫ ଗ୍ରାମ ମେଟାଲାକ୍ଷସିଲ ଏବଂ ମନ୍କୋଜେବ ର ମିଶ୍ରଣକୁ ଗୋଟେ ଲିଟର୍ ପାଣିରେ ମିସାଇ ସୁଷ୍କ ପାଗକୁ |

| | | |
|---|---|---|
| | | ଦେଖି ଗଛରେ ପ୍ରୟୋଗ କରନ୍ତୁ □ |
| **ସୋରିଷ** | **ବନସ୍ପତି ବିକାସ / ପୁଷ୍ପ ଅବସ୍ଥା** | ସୋରିଷ ଗଛ ଯାହା ୧୫ ରୁ ୨୦ ଦିନର ହୋଇଗଲାଣି ସେଥିରେ ଅଧିକ ଗଛକୁ ଉପାଡି (ଥିନିଂଗ୍) ଉପଯୁକ୍ତ ସଂଗକ୍ଷକ ଗଛହିଁ ଖେତରେ ରଖନ୍ତୁ □ ପୂର୍ବ ଦିନଗୁଡାକରେ ଯେଉଁ ପାଣିପାଗର ସ୍ଥିତି ରହିଥିଲା ତାହା ସୋରିଷ ଗଛରେ ଜଉପୋକ ଏବଂ କରତିଆ ମାଛି (Saw fly) ର ଆକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ଓ ଆକ୍ରମଣ ଦେଖାଗଲେ ଜଉପୋକର ନିୟନ୍ତ୍ରଣ ପାଇଁ ୦.୩ ମିଳି ଇମିଡାକ୍ଲୋରପ୍ରିଡ୍ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ୍ କୁ ଗୋଟେ ଲିଟର୍ ପାଣିରେ ଏବଂ କରତିଆ ମାଛିର ନିୟନ୍ତ୍ରଣ ପାଇଁ କ୍ଲୋରପ୍ରିଫସ୍ @ ୦.୫ ମିଳି ପ୍ରତି ଲିଟର୍ ପାଣିରେ ମିଶାଇ ଶୁଖିଲା ପାଗକୁ ଦେଖି ସିଂଚନ କରିବାକୁ ପରାମର୍ଶ ଦିଆଯାଇଅଛି □ |
| **ପଶୁପାଳନ** | ଆସନ୍ତା ଦିନଗୁଡାକରେ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଦେଖାଯିବାର ସମ୍ଭାବନାକୁ ଦେଖି ପଶୁମାନଙ୍କୁ ପର୍ଯ୍ୟାପ୍ତ ତାଜା ପରିଷ୍କାର ପାଣି ସହିତ ଖନିଜ ଲବଣ, ଗୁଡ଼ ଇତ୍ୟାଦି ଯୋଗାଇବା ଏବଂ ସେମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ତଥା ଗୁହାଳକୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳ ବିଛାଇବା ଇତ୍ୟାଦି)□ ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ□ | |

---


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |


---

**କୃଷି ରେ ଉତ୍ତମ ଲାଭ ପାଇଁ, OUAT KALINGA ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ□**

**ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ□**



(https://play.gooogle.com/store/apps/details?id=com.aas.meghdoot)

**କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ□**




(https://play.google.com/store/apps/details?id=com.lightening.live.damini)